95 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2015-2017

Bhubaneswar, Friday 10 July 2015
ଭୁବନେଶ୍ୱର, ଶୁକ୍ରବାର ୧୦ ଜୁଲାଇ ୨୦୧୫
ଆଜି ମିଥୁନ ୨୬ ଦିନ, ୧୪୨୨ ସାଲ
ଆଷାଢ଼ ୧୯ ଦିନ, ୧୯୩୭ ଶକାବ୍ଦ, କୃଷ୍ଣପକ୍ଷ ନବମୀ
ଭାଗ- ୮୬ ସଂଖ୍ୟା-୧୮୭
www.thesamaja.com
www.samajaepaper.com

ଟ ୪.୦୦ (୨୦ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
କଟକ | ସମ୍ବଲପୁର | ବିଶାଖାପାଟଣା | କଲିକତା | ରାଉରକେଲା | ଭୁବନେଶ୍ୱର | ବ୍ରହ୍ମପୁର | ବାଲେଶ୍ୱର

## ଘରୋଇ ଇଂଜିନିୟରିଂ କଲେଜରେ 'ଲାଟେରାଲ୍ ଏଣ୍ଟ୍ରି' ନାମଲେଖା ପ୍ରସଙ୍ଗ

# ବଳକା ଓ ଏ ବର୍ଷର ସିଟ୍ ପୂରଣ କର : ହାଇକୋର୍ଟ

କଟକ,୯।୭(ନି.ପ୍ର.)- ରାଜ୍ୟର ଘରୋଇ ଇଂଜିନିୟରିଂ କଲେଜରେ ଲଡେଟରାଲ ଏଣ୍ଟ୍ରି ଛତ୍ରଛାତ୍ରୀଙ୍କ ପାଇଁ ଖାଲିଥିବା ଗତ ବର୍ଷର ସିଟ୍ ଓ ଚଳିତ ବର୍ଷର ସମସ୍ତ ସିଟ୍ ଆସନ୍ତା ୧୦ଦିନ ମଧ୍ୟରେ ପୂରଣ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି । ଏହି ୧୦ ଦିନ ମଧ୍ୟରେ ଲାଟେରାଲ ଏଣ୍ଟ୍ରିରେ ନାମ ଲେଖାଇବାକୁ ଅପେକ୍ଷା କରିଥିବା ପିଲାମାନେ ସେମାନଙ୍କ ଚଏସ୍ ଲକିଂ କରିବେ । ଏପରିକି ଯେଉଁମାନେ ପୂର୍ବରୁ ଚଏସ ଲକିଂ କରିସାରିଛନ୍ତି ସେମାନେ ମଧ୍ୟ ଏହାର ସୁଯୋଗ ନେଇ ଆଉଥରେ ଚଏସ ଲକିଂ କରିବେ । ଏ ସମସ୍ତ କାର୍ଯ୍ୟ ଓଜେଇ ଓ ଡିଇଟି କର୍ତ୍ତୃପକ୍ଷ ଆସନ୍ତା ଦଶ ଦିନ ମଧ୍ୟରେ ଶେଷ କରିବେ ବୋଲି ଆଜି ବିଚାରପତି ଇନ୍ଦ୍ରଜିତ ମହାନ୍ତି ଓ ବିଚାରପତି ଡି.ପି.ଚୌଧୁରୀ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି । ଡିପ୍ଲୋମାରୁ ଡିଗ୍ରୀ ଓ ଆଇଟିଆଇରୁ ଡିପ୍ଲୋମାରେ ନାମଲେଖାଇବାକୁ ଦରଖାସ୍ତ କରିଥିବା ପ୍ରାର୍ଥୀଙ୍କ ପାଇଁ ଲାଗୁ ହେବ । ଫଳରେ ପୂର୍ବ ବର୍ଷ ଘରୋଇ କଲେଜରେ ଖାଲିପଡିଥିବା ଲଟ୍ଟେରାଲ ଏଣ୍ଟ୍ରି ଛାତ୍ରଙ୍କ ପାଇଁ ଥିବା ୨୫ ହଜାର ଓ ଚଳିତ ବର୍ଷ କୋଟା ମୁତାବକ ୯ହଜାର ସିଟ ପୂରଣ ହୋଇ ପାରିବ । ଏହା ଦ୍ୱାରା ପ୍ରାୟ ୩୪ ହଜାରୁ ଅଧିକ ପିଲା ଇଂଜିନିୟରିଂ ପାଠ ପଢିବାର ସୁଯୋଗ ପାଇପାରିବେ । ପ୍ରକାଶ ଯେ ନିଗମ ବୈଷୟିକ ଶିକ୍ଷାନୁଷ୍ଠାନ ନିଗମ ଇନ୍ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟରିଂ ଏଣ୍ଡ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ମନୋଜ ରଞ୍ଜନ ସାମନ୍ତରାୟଙ୍କ ସହ ଏକାଧିକ କଲେଜ ଓ ନାମଲେଖାରୁ ବାଦ ପଡିଥିବା କେତେକ ଛାତ୍ରଙ୍କ ପକ୍ଷରୁ ବି.ଟେକ୍. ପାଠ୍ୟକ୍ରମ ଓ ଡିପ୍ଲୋମା ପାଠ୍ୟକ୍ରମର ଲାଟେରାଲ୍ ଏଣ୍ଟ୍ରିରେ ନାମଲେଖାଇବା ନେଇ ରୁଜୁ ହୋଇଥିବା ମାମଲାର ଶୁଣାଣି କରି ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି । ଆବେଦନକାରୀ ପିଟିସନରେ ଦର୍ଶାଇଥରଲେ ଯେ ଉଭୟ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୨୦ ପ୍ରତିଶତ ସିଟ୍ ଲାଟେରାଲ୍ ଏଣ୍ଟ୍ରି ବ୍ୟବସ୍ଥା ମାଧ୍ୟମରେ ପୁରଣ କରିବାକୁ ବ୍ୟବସ୍ଥା ଥିଲେ ସୁଧା ଏଥି ପ୍ରତି ଓଜେଇ ଓ ଡିଇଟି କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇ ନାହାନ୍ତି । ଫଳରେ ବହୁ ଛାତ୍ର ଛାତ୍ରୀ ର୍ୟାଙ୍କ ରେ ଥାଇ ନାମଲେଖାରୁ ବଞ୍ଚିତ ହେଉଛନ୍ତି ।

ସୂଚନାଯୋଗ୍ୟ ଯେ ଲାଟେରାଲ୍ ଏଣ୍ଟ୍ରି ବ୍ୟବସ୍ଥା ମାଧ୍ୟମରେ ଡିପ୍ଲୋମା ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ବିଟେକ୍ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷ ଓ ଆଇ.ଟି.ଆଇ ଛାତ୍ର ଡିପ୍ଲୋମା ପାଠ୍ୟକ୍ରମରେ ନାମ ଲେଖାଇବାର ସୁଯୋଗ ପାଇ ପାରିବେ । ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ଭଗବାନ ମହାନ୍ତି ଓ ଆଇନଜୀବୀ ଉମେଶ ପଟ୍ଟନାୟକ ପରିଚାଳନା କରୁଥିଲେ ।